କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ 'ମାଟ୍ରିକ୍ ମେଧା ସମ୍ମାନ'

# 'ମାଆ-ମାଟିର ସ୍ୱାଭିମାନକୁ ଭୁଲି ଯାଅନି'

କୋଣାର୍କ, ୧୬।୬(ସମିସ):




ଉଚ୍ଚଶିକ୍ଷା ଲାଭକରି ସ୍ୱାବଲମ୍ବୀ ହୁଅ

ମାଟ୍ରିକରେ ସଫଳତାର ସହିତ ଉତ୍ତୀର୍ଣ୍ଣ ହେବାପରେ ଉଚ୍ଚ ଶିକ୍ଷା ଲାଭକରି ସ୍ୱାବଲମ୍ବୀ ହୁଅ। ଦେଶବିଦେଶରେ ନାମ କମାଅ। କିନ୍ତୁ ଜନ୍ମମାଟି ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି ତଥା ସ୍ୱାଭିମାନକୁ ଭୁଲିଯାଅନି ବୋଲି ବକ୍ତାମାନେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ରବିବାର ସ୍ଥାନୀୟ ଯାତ୍ରୀନିବାସଠାରେ କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ମାଟ୍ରିକ ମେଧା ସମ୍ମାନ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଗତ ମାଟ୍ରିକ ଓ ସିବିଏସ୍‌ଇ ଦଶମ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ୨୬ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ପ୍ରଶଂସାପତ୍ର, ଗୋଲ୍ଡ ମେଡାଲ ଓ ପାଠ୍ୟୋପକରଣ ପ୍ରଦାନ ପୂର୍ବକ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଶରତ ଚନ୍ଦ୍ର ପ୍ରଧାନ, ଜନ୍ମେଶ୍ୱର ସ୍ୱାଇଁ, ମନୋରଞ୍ଜନ ପଟ୍ଟନାୟକ, ସ୍ୱର୍ଣ୍ଣଲତା ତ୍ରିପାଠୀ, ସୁଧୀର ଚନ୍ଦ୍ର ଭୂୟାଁ, ବାନରସେନା ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, ରେଡିଓ ନମସ୍କାର ଅଧ୍ୟକ୍ଷ ଏନ୍.ଏ. ଶାହଃ ଅନସାରୀ, କୋଣାର୍କ ବାର୍ ଆସୋସିଏସନ୍ ସଭାପତି ଶ୍ରୀଜୟ ବରାଳ ଓ ସମାଜସେବୀ ନିରଞ୍ଜନ ସାହୁ ଅତିଥିରୂପେ ଯୋଗଦେଇ ମେଧାବୀ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସ୍ପଷ୍ଟ କରିଥିଲେ। ଶିକ୍ଷକ ତଥା ସମାଜସେବୀ ରାମକୃଷ୍ଣ ମହାନ୍ତି ମଞ୍ଚ ସଂଯୋଜନା କରିଥିବାବେଳେ ସମାଜସେବୀ ରବୀନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବର୍ଦ୍ଧନା ଉତ୍ସବ ପ୍ରାରମ୍ଭରେ ସାମୂହିକ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ସମାଜସେବୀ ନିରଞ୍ଜନ ତ୍ରିପାଠୀ, ପ୍ରଦୀପ କୁମାର ପ୍ରଧାନ, ଜାନକୀ ପରିଡ଼ା, ଶିକ୍ଷକ ବାନାମ୍ବର ବେହେରା ଓ ଗଙ୍ଗାଧର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● ଉପମୁଖ୍ୟମନ୍ତ୍ରୀଙ୍କ ନିମାପଡ଼ା ଗସ୍ତ

# ବିଭିନ୍ନ କାର୍ଯ୍ୟର କଲେ ସମୀକ୍ଷା



ନିମାପଡ଼ା, ୧୬।୬(ସମିସ): ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ନିମାପଡ଼ା ଗସ୍ତରେ ଆସି ନିମାପଡ଼ା ବଜାର ମୁଖ୍ୟରାସ୍ତା କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ ଖେଲାରସ୍ଥିତ ହନୁମାନ ମନ୍ଦିର, କାଜିପାଟଣାସ୍ଥିତ ଶ୍ରୀରାମ ମନ୍ଦିର ଓ ପାଟପୁରସ୍ଥିତ ବାବା ବାସୁଦେବଙ୍କ ମନ୍ଦିରକୁ ଯାଇ ଠାକୁରଙ୍କ ଦର୍ଶନ ସାରିବା ପରେ ଅପରାହ୍ଣରେ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାକୁ ଆସିଥିଲେ। ସେଠାରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଶ୍ରୀମତୀ ପରିଡ଼ାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାସ୍ତା କାର୍ଯ୍ୟର ବିଳମ୍ବ ନେଇ ଗତ କିଛିଦିନ ତଳେ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏନେଇ ପିପିଲି-କୋଣାର୍କ ମୁଖ୍ୟ ରାସ୍ତାର ନିମାପଡ଼ା ବଜାର ରାସ୍ତାର କାର୍ଯ୍ୟକ୍ରମ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆଗକୁ ପର୍ଯ୍ୟଟନ ଋତୁ ଆସୁଥିବାରୁ ରାସ୍ତା କାର୍ଯ୍ୟର ବିଳମ୍ବ ନେଇ କ୍ଷୋଭ ପ୍ରକାଶ କରିବା ସହିତ ଦୁଇ ମାସ ଭିତରେ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜିର ଏହି ସମୀକ୍ଷା ବୈଠକରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମି ରଞ୍ଜନ ସାହୁ, ସହକାରୀ ଯନ୍ତ୍ରୀ କୁଶାଳ ହେମ୍ବ୍ରମ, କନିଷ୍ଠ ଯନ୍ତ୍ରୀ ଦିଲ୍ଲୀପ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ପରେ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଖୁବ୍‌ଶୀଘ୍ର ଡାକ୍ତର ପଦବୀ ପୂରଣ କରାଯିବ ବୋଲି ସେ କହିଛନ୍ତି।

## ଆଜବେଷ୍ଟସ୍ ଭାଙ୍ଗି ଦୋକାନରୁ ଚୋରି

ବେଗୁନିଆ, ୧୬।୬(ସମିସ): ବାଘମାରୀ ଥାନା ଅନ୍ତର୍ଗତ ପୋଡ଼ାଡ଼ିହ ଗ୍ରାମର ପ୍ରତାପ କୁମାର ସାହୁ ଓସ୍ତପୁର ବଜାରରେ ମସଲା ସାମଗ୍ରୀ ଦୋକାନ କରିଛନ୍ତି। ଶନିବାର ରାତିରେ କେହି ଦୁର୍ବୃତ୍ତ ତାଙ୍କ ଦୋକାନ ଘରର ଆଜବେଷ୍ଟସ ଭାଙ୍ଗି ନଗଦ ୫ ହଜାର ଟଙ୍କା, ବିଭିନ୍ନ ସାମଗ୍ରୀ ଚୋରି କରି ନେଇ ଯାଇଥିବା ଥାନାରେ ଅଭିଯୋଗ କରିଥିଲେ। ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଯାଞ୍ଚ କରିବା ସହ ତଦନ୍ତ ଜାରି ରହିଛି ବୋଲି ସୂଚନା ଦେଇଛନ୍ତି।

# ସିଫା ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ



ପିପିଲି, ୧୬।୬(ସମିସ): କେନ୍ଦ୍ର ମତ୍ସ୍ୟ, ପଶୁସମ୍ପଦ, ଗୋପାଳନ ଓ ପଞ୍ଚାୟତିରାଜ ବିଭାଗ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍. ପି. ସିଂହ ବାଘେଲ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ କେନ୍ଦ୍ରୀୟ ମଧୁର ଜଳଜୀବ ପାଳନ ସଂସ୍ଥା (ସିଫା)ର କୌଶଲ୍ୟାଗଙ୍ଗସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ସିଫାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ମଧୁର ଜଳଜୀବ ପାଳନ ସମ୍ପର୍କିତ ଗବେଷଣା କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ସିଫା ପରିସରରେ ମନ୍ତ୍ରୀ ବୃକ୍ଷରୋପଣ କରିବା ସହିତ ଅନୁବଂଶୀକରଣରେ ବୃଦ୍ଧି କରାଯାଉଥିବା ଜୟନ୍ତୀ ରୋହୀ, ଭାକୁର, ଚିଙ୍ଗୁଡ଼ି, ମାଇନର କାର୍ପ, ମାଗୁର, ଶେଉଳ, କଉ ଆଦି ୨୩ ପ୍ରକାରର ଖାଦ୍ୟ ଉପଯୋଗୀ ଚାଷ କରାଯାଉଥିବା ମାଛ ଏବଂ ମୁକ୍ତାଚାଷ, ବାୟୋଫ୍ଲକ୍ ୟୁନିଟ୍, ଆକ୍ୱାପୋନିକ୍ସ ବିଭାଗ ପରିଦର୍ଶନ କରିଛନ୍ତି। ତତ୍ ସହିତ ଖାଦ୍ୟ ଉତ୍ପାଦନ କେନ୍ଦ୍ର ଓ ରୋଗ ନିରୂପଣ ଓ ନିଦାନ ବିଭାଗ ବୁଲି ଦେଖିଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କେନ୍ଦ୍ରୀୟ ଯୋଜନାଗୁଡ଼ିକର ମଧ୍ୟ ସେ ସମୀକ୍ଷା କରିଥିଲେ। କୃଷକମାନଙ୍କୁ ବୈଷୟିକ ଜ୍ଞାନକୌଶଳ ସ୍ଥାନାନ୍ତର ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିବା ସହିତ ଭାରତକୁ ଏକ ବିକଶିତ ଦେଶରେ ପରିଣତ କରିବାରେ କୃଷି ଅନୁସନ୍ଧାନ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ। ସିଫାର ନିର୍ଦ୍ଦେଶକ ଡଃ ପି. କେ. ସାହୁ ସିଫାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଗବେଷଣା ଓ ଭବିଷ୍ୟତ କାର୍ଯ୍ୟ ପନ୍ଥା ସମ୍ପର୍କରେ ମନ୍ତ୍ରୀ ପ୍ରଫେସର ବାଘେଲଙ୍କ ନିକଟରେ ଉପସ୍ଥାପନ କରିଥିଲେ। ସେ ଅନୁଷ୍ଠାନର ଶହେ ଦିନିଆ କାର୍ଯ୍ୟ ଯୋଜନା ବିଷୟରେ ମଧ୍ୟ ମନ୍ତ୍ରୀ ମହୋଦୟଙ୍କୁ ଅବଗତ କରାଇଥିଲେ। ସିଫାର ପ୍ରଧାନ ବୈଜ୍ଞାନିକ ବିନ୍ଦୁ ଆର୍ ପଲାଇ, ଡଃ. ସରୋଜ ସ୍ୱାଇଁ, ଜିତେନ୍ଦ୍ର ସୁନ୍ଦରାୟ ପ୍ରମୁଖ ସହଯୋଗ କରିଥିଲେ।

# ଚକ୍ରକୁଦରେ ସଚେତନତା କାର୍ଯ୍ୟକ୍ରମ




ବଳଙ୍ଗା, ୧୬।୬(ସମିସ): ବଳଙ୍ଗା ଥାନା ଉଛୁପୁର ପଞ୍ଚାୟତର ଚକ୍ରକୁଦଠାରେ ହେଲେପ୍‌ଜ ଇଣ୍ଡିଆ ପ୍ରକଳ୍ପ ଅଫିସ ପ୍ରାଙ୍ଗଣରେ ବିଶ୍ୱ ବରିଷ୍ଠ ନାଗରିକ ସଚେତନତା ଦିବସ ପାଳିତ ହୋଇଯାଇଛି। ଏଥିରେ ବିଭିନ୍ନ ବୟସ୍କ ସ୍ୱୟଂ ସହାୟକ ସଂଘର ନେତୃବୃନ୍ଦ ଅଂଶଗ୍ରହଣ କରିଥିଲେ। ଏଥିରେ ହେଲେପ୍‌ଜ ଇଣ୍ଡିଆ ପ୍ରକଳ୍ପ ଅଧିକାରୀ ଶ୍ରୀକାନ୍ତ ରାୟ, ଯୁବ ସାମ୍ବାଦିକ ମାନସ ରଞ୍ଜନ ଦାଶ ଏବଂ ଅଫିସ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ। ଏହି ଅବସରରେ ବଟବୃକ୍ଷ ବୟସ୍କ ମହାସଂଘର ସମ୍ପାଦକ ଦେବେନ୍ଦ୍ର ନାଥ ମିଶ୍ର ବୟସ୍କ ଲୋକଙ୍କର ବିଭିନ୍ନ ସୁବିଧା ଅସୁବିଧା ଉପରେ ଆଲୋକପାତ କରିଥିଲେ। ଶ୍ରୀକାନ୍ତ ରାୟ ବୟସ୍କ ଗୋଷ୍ଠୀର ସଭ୍ୟମାନେ ନିଜ ନିଜ ଭିତରେ ବିଭିନ୍ନ ସୁବିଧା ଅସୁବିଧାର ଆଲୋଚନା କରି ତାର କିପରି ପ୍ରତିକାର କରିବା ପାଇଁ ଆହ୍ୱାନ ଦେବା ସହିତ ସରକାର ବରିଷ୍ଠ ନାଗରିକମାନଙ୍କ ସହାୟତା ପାଇଁ ବିଭିନ୍ନ ନିୟମ ପ୍ରଣୟନ କରୁଥିବା ପ୍ରକାଶ କରିଥିଲେ। ଅତିରିକ୍ତ ଜିଲ୍ଲାପାଳଙ୍କୁ ବରିଷ୍ଠ ନାଗରିକମାନେ ନିର୍ଯାତନା ସମ୍ବନ୍ଧରେ ଅଭିଯୋଗ ଦେଇପାରିବେ। ଶେଷରେ ବଟବୃକ୍ଷ ବୟସ୍କ ମହାସଂଘର ସଭାପତି ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ କହିଥିଲେ, ମହାସଂଘ ଓ ଆଞ୍ଚଳିକ ସଂଘମାନଙ୍କୁ ନେଇ ବରିଷ୍ଠ ନାଗରିକମାନଙ୍କ ଉପରେ ହେଉଥିବା ନିର୍ଯାତନା ଅଭିଯୋଗକୁ ତଦାରଖ କରି ଅସୁବିଧାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ବିଷ୍ଣୁପୁର ରଜ ମହୋତ୍ସବ ଉଦ୍‌ଯାପିତ



ନିମାପଡ଼ା, ୧୬।୬(ସମିସ): ନିମାପଡ଼ା ବ୍ଲକ ଅନ୍ତର୍ଗତ ଭିଲିଗ୍ରାମ ପଞ୍ଚାୟତ ବିଷ୍ଣୁପୁର ଗ୍ରାମରେ ୩ ଦିନ ଧରି ଚାଲିଥିବା ରଜ ମହୋତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ସୀମନ୍ତ ଶେଖର ରଥଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଗ୍ରାମାଞ୍ଚଳରେ କୃଷି ଭିତ୍ତିକ ଏହି ରଜ ପର୍ବକୁ ଆହୁରୀ ସରସ ସୁନ୍ଦର କରିବା ସହ ଏହାକୁ ଉଜ୍ଜୀବିତ ରଖିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ରାଜ୍ୟ ଶିକ୍ଷକ ଫେଡ୍ରେସନର ଉପ-ସଭାପତି କବୟିତ୍ରୀ ସଙ୍ଗୀତା ଦାଶ, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, କାଉନସିଲର ନିରଞ୍ଜନ ନାୟକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁଧିର ରଞ୍ଜନ ଦାଶ, ସ୍ଥାନୀୟ ସରପଞ୍ଚ ଅରବିନ୍ଦ ମୁଦୁଲି, ସମିତିସଭ୍ୟା ଧନୀ ମାଝୀ, ସମ୍ପାଦକ ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ୩ ଦିନ ଧରି ବିଷ୍ଣୁପର ସ୍କୁଲ ପରିସରରେ ରଜ ଦୋଳିଖେଳ ସାଂଗକୁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଚଳିତ ବର୍ଷ ରଜ କୁଇନ୍ ଭାବେ ବିଷ୍ଣୁପୁର ଗ୍ରାମର ସୁଭଦ୍ରା ଭୋଇ ବିବେଚିତ ହେବା ସହ ମୁଖ୍ୟ ଅତିଥିଙ୍କଠାରୁ ସମ୍ମାନିତ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କମିଟିର ସମସ୍ତ ସଦସ୍ୟ ପୂର୍ଣ୍ଣ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଯୁବକ ମୃତ

ଗୋପ, ୧୬।୬(ସମିସ): ଗତକାଲି ବିଳମ୍ବିତ ରାତିରେ ଗୋପ ଥାନା ଅଧୀନ ବେଦପୁର ଗ୍ରାମର ଶ୍ରୀନିବାସ ସାହୁଙ୍କ ପୁଅ ସଞ୍ଜୟ କୁମାର ସାହୁ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଗତକାଲି ରାତିରେ ସଞ୍ଜୟ ନିମାପଡ଼ାରୁ ବାଇକ୍ ଯୋଗେ ନିଜ ଘର ବେଦପୁରକୁ ଫେରୁଥିବା ସମୟରେ ଦିଘାଳୋ ଛକ ନିକଟରେ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିରହିଥିବାବେଳେ କେତେକ ସ୍ଥାନୀୟ ବ୍ୟକ୍ତି ଉଦ୍ଧାର କରି ଆମ୍ବୁଲାନ୍ସ ସହାୟତାରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କ୍ୟାପିଟାଲ ହସ୍‌ପିଟାଲ ସ୍ଥାନାନ୍ତର କରିଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସେ ଦୀର୍ଘ ବର୍ଷ ଧରି ବସ୍ ଚଳାଚଳ କରୁଥିବାବେଳେ ଡ୍ରାଇଭର ମହାସଂଘର ଜଣେ ସକ୍ରିୟ ସଭ୍ୟ ଥିଲେ। ରବିବାର ଅପରାହ୍ଣରେ ମରଶରୀରକୁ କୁଶୁପୁରଠାରୁ ଡ୍ରାଇଭର ମହାସଂଘର ଶତାଧିକ କର୍ମକର୍ତ୍ତା ଏକ ଶୋଭାଯାତ୍ରାରେ ନେଇ ଘର ନିକଟରେ ପହଞ୍ଚିଥିବାବେଳେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି

ନିମାପଡ଼ା, ୧୬।୬(ସମିସ): ନିମାପଡ଼ା ଥାନା ଅନ୍ତର୍ଗତ ରେଞ୍ଚ ଶାସନ ମହାପାତ୍ର ସାହିର ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ନଗଦ ଦଶ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗରୁ ଜଣାଯାଇଛି ଗତ ୧୩ ତାରିଖ ରାତିରେ କେତେକ ଦୁର୍ବୃତ୍ତ ତାଙ୍କ ଶୋଇବା ଘରର ବାହାର ପଟୁ ତାଲା ପକାଇ ଦେଇଥିଲେ। ତେବେ ଯେଉଁ ଘରେ ଜିନିଷପତ୍ର ଥିଲା ସେହି ଘରର ତାଲା ଭାଙ୍ଗି ଘରେ ଥିବା ତିନୋଟି ଟ୍ରଙ୍କ ଭାଙ୍ଗି ସେଥିରେ ଥିବା ନଗଦ ଦଶ ହଜାର ଟଙ୍କା ଓ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହିତ କିଛି ଆସବାବପତ୍ର ଚୋରି କରିଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ନିମାପଡ଼ା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଲୋକଙ୍କୁ ମିଳୁନି; ନଷ୍ଟ ହେଉଛି ପାନୀୟ ଜଳ



ନୟାହାଟ, ୧୬।୬(ସମିସ): ନୟାହାଟ ଫାଣ୍ଡି ଅଞ୍ଚଳର ଜଙ୍ଗଲବୋରୀ ପଞ୍ଚାୟତର ପାଣିଛତ୍ର, ପାତ୍ର ସାଇ, ମଧୁବନ, କୁମାରଢିଅ, ଭୁରୁଭୁରା ପ୍ରମୁଖ ଗ୍ରାମମାନଙ୍କରେ ପାଇପ୍ ଦ୍ୱାରା ଯୋଗାଣ ହେଉଥିବା ପାନୀୟ ଜଳ ନଷ୍ଟ ହେଉଛି। ୨୦ରୁ ୩୦ଟି ପ୍ରକଳ୍ପରେ ଷ୍ଟାଣ୍ଡ ପୋଷ୍ଟ ନଥିବାରୁ ହଜାର ହଜାର ଲିଟର ପିଇବା ପାଣି ବାହାରେ ବୋହି ମାଟିରେ ମିଶୁଛି। କିନ୍ତୁ ଲୋକମାନେ ପିଇବାକୁ ଟୋପାଏ ପାଣି ପାଉନାହାନ୍ତି। ଚାଷୀମାନେ ବୋରିଙ୍ଗୀ କରି ଚାଷ ଜମିରେ ପାଣି ମଡ଼ାଉଥିବା ବେଳେ ଖରା ଦିନରେ ଜଳସଙ୍କଟ ଦେଖାଦେଉଛି। ଜଳସ୍ତର ହ୍ରାସ ପାଉଥିବାରୁ ଗ୍ରାମାଞ୍ଚଳରେ ଘରୋଇ ନଳକୂପରୁ ପାଣି ବାହାରୁନି। ଏ ପଟେ ସରକାରୀ ପାଣି ନଷ୍ଟ ହେଉଥିବାବେଳେ ଯଦି ଟ୍ୟାପ ଲଗାଯାଆନ୍ତା ନଷ୍ଟ ହେଉଥିବା ପାଣି ରୋକା ଯାଇପାରନ୍ତା। ଏ ଦିଗରେ ପାନୀୟ ଜଳ ପରିମଳ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।

ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା

# ସତ୍ୟବାଦୀରୁ ବଉଳ ଗଛ ଚିହ୍ନଟ

ସାକ୍ଷୀଗୋପାଳ, ୧୬।୬(ସମିସ):



ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କ ବାହୁଟ ସେନାପଟା ଓ ଶ୍ରୀଅଙ୍ଗର ସୁରକ୍ଷା ପାଇଁ ପରମ୍ପରା ଅନୁଯାୟୀ ସତ୍ୟବାଦୀରୁ ବଉଳ ଗଛ ଚିହ୍ନଟ ହୋଇଛି। ସାକ୍ଷୀଗୋପାଳ ଶ୍ରୀରାମଚନ୍ଦ୍ରପୁର ବଡ଼ବନ୍ଧ ନିକଟ ସୁରେଶ ଚନ୍ଦ୍ର ତ୍ରିପାଠୀଙ୍କ ବଗାୟତରୁ ଏହି ଗଛ ଚିହ୍ନଟ କରାଯାଇଛି। ସୂଚନାଯୋଗ୍ୟ ଯେ ମହାପ୍ରଭୁ ସ୍ନାନମଣ୍ଡପକୁ ବିଜେ କରିବା ଓ ରଥକୁ ବିଜେ କରିବା ସମୟରେ ଓ ପହଣ୍ଡି ହେବା ସମୟରେ ତାଙ୍କର ଶ୍ରୀଅଙ୍ଗର ସୁରକ୍ଷା ପାଇଁ ବାହୁଟ ସେନାପଟାର ଆବଶ୍ୟକତା ପଡ଼ିଥାଏ। ପୁରାଣ ବା ଜଗନ୍ନାଥଙ୍କ ସଂସ୍କୃତି ଅନୁଯାୟୀ ଏହି ସେନାପଟା ସାକ୍ଷୀଗୋପାଳରୁ ଆସିଥାଏ। ଏହି ପ୍ରଥା ଅନୁଯାୟୀ ପୁରୀ ଜଗନ୍ନାଥଙ୍କ ରଥର ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପଙ୍କ ସହିତ ସର୍ଦ୍ଦାର ଭୋଇ ସେବକ ରବି ଭୋଇ ଓ କାଳିଆ ଭୋଇ ଗଛ ଦେଖି ଖୁସିବ୍ୟକ୍ତ କରିଥିଲେ। ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ, ସତ୍ୟବାଦୀ ସଂସ୍କୃତି ସୁରକ୍ଷା ମଞ୍ଚର ସମ୍ପାଦକ କିଶୋର ଚନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ସତ୍ୟବାଦୀ ଦାଶ, ସାମ୍ବାଦିକ ଧୀରେନ୍ଦ୍ର ସେନାପତି, ଅମର ଶତପଥୀଙ୍କ ସହିତ ବଦ୍ରିନାରାୟଣ ଖୁଣ୍ଟିଆ, ଗିରିଜା ଶଙ୍କର ମହାପାତ୍ର, ଉମାଶଙ୍କର ମହାପାତ୍ର, ନବ କିଶୋର ମିଶ, ପ୍ରଶାନ୍ତ କୁମାର ବିଶ୍ୱାଳ ଓ ହୁଲାସ ଭୋଇ ପ୍ରମୁଖ ଗଛ ଚିହ୍ନଟ ସମୟରେ ଉପସ୍ଥିତ ଥିଲେ। ଗଛକୁ ଦେଖିବା ପରେ ଉକ୍ତ ଗଛକୁ ଉପସ୍ଥିତ ଥିବା ଅଧିକାରୀ ଓ ଜନସାଧାରଣ ପ୍ରଣାମ କରିଥିଲେ। ଆସନ୍ତା ମଙ୍ଗଳବାର ନିର୍ଜଳା ଏକାଦଶୀ ଦିନ ଏହି ଗଛ କଟାଯିବା ପରେ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ସତ୍ୟବାଦୀରୁ ପୁରୀ ଅଭିମୁଖେ ମେଲାଣି ଦିଆଯିବ ବୋଲି ସତ୍ୟବାଦୀ ସଂସ୍କୃତି ସୁରକ୍ଷା ମଞ୍ଚର ସମ୍ପାଦକ କିଶୋର ଚନ୍ଦ୍ର ମହାପାତ୍ର ଜଣାଇଛନ୍ତି।

■ ପୁରୀ ପାଇଁ ନାହିଁ କି ନୟାଗଡ଼ ପାଇଁ ନାହିଁ

# ନୟାଗଡ଼ରେ ରଥକାଠକୁ ନେଇ ଚିନ୍ତା

■ ଦେବୋତ୍ତର ବିଭାଗର ପୂର୍ବ ପ୍ରସ୍ତୁତି ନାହିଁ
■ ଆକ୍ରୋଶର ଶିକାର ବନବିଭାଗ

ନୟାଗଡ଼,୧୬।୬(ସମିସ): ନୟାଗଡ଼ ଜିଲ୍ଲାରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରା ତଥା ରଥଯାତ୍ରା ପାଇଁ କାଠ ଯୋଗାଇ ଦେବାର ପରମ୍ପରା ରହି ଆସିଛି। ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ବଡ଼ରାଉଳ ଠାକୁରାଣୀଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇ ରଥକାଠ କାଟିବାର ପରମ୍ପରା ରହିଛି। ଏହି ପରମ୍ପରା ଅନୁସାରେ ପ୍ରତିବର୍ଷ ନୟାଗଡ଼ ବଡ଼ରାଉଳ ପୀଠରେ ପୂଜାର୍ଚ୍ଚନା ହୋଇ ଆସୁଥିବା ବେଳେ ରଥକାଠ ଯୋଗାଣ ଦିନକୁ ଦିନ ହ୍ରାସ ଘଟୁଛି। ପୁରୀ ଶ୍ରୀ ଜଗନ୍ନାଥଙ୍କ ଘୋଷଯାତ୍ରା ପାଇଁ ଆବଶ୍ୟକ ହେଉଥିବା କାଠର ଏକ ଚତୁର୍ଥାଂଶ କାଠ ନୟାଗଡ଼ରୁ ଯୋଗାଣ ହୋଇ ପାରୁନାହିଁ। ରଥକାଠ ଆବଶ୍ୟକତା ମେଣ୍ଟାଇବା ପାଇଁ ବୌଦ୍ଧ ବନଖଣ୍ଡ, ଖୋର୍ଦ୍ଧା ବନଖଣ୍ଡ ଓ ଘୁମୁସର ବନଖଣ୍ଡ ଉପରେ ନିର୍ଭର କରିବାକୁ ପଡୁଛି। ମୁଖ୍ୟତଃ ନୟାଗଡ଼ ବନଖଣ୍ଡ ଅଧିକାରୀ ଭାବେ କ୍ଷମା ଷଡ଼ଙ୍ଗୀ ଦାୟିତ୍ୱ ନେବାଠାରୁ ଏଭଳି ସମସ୍ୟା ଦ୍ୱିଗୁଣିତ ହୋଇଛି। ପୁରୀ ରଥ ପାଇଁ ଆବଶ୍ୟକ କାଠ ଯୋଗାଣରେ ନୟାଗଡ଼ ବନବିଭାଗ ବିଫଳ ହେଉଥିବା ବେଳେ ନୟାଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆବଶ୍ୟକ ରଥ ନିର୍ମାଣ ପାଇଁ କାଠର ବ୍ୟାପକ ଆବଶ୍ୟକତା ପ୍ରତି ବନବିଭାଗ ଆଦୌ ଦୃଷ୍ଟି ଦେଉନାହିଁ। ନିୟମ ନାହିଁ କହି ବନବିଭାଗ ରଥକାଠ ଯୋଗାଇ ଦେବାକୁ ମନା କରୁଥିବା ଲଗାତର ଭାବେ ଦେବୋତ୍ତର ବିଭାଗ କହି ଆସୁଛି। ଦେବୋତ୍ତର ବିଭାଗ ଏନେଇ ପୂର୍ବ ପ୍ରସ୍ତୁତି ନକରି ଆବଶ୍ୟକତା ସମୟରେ ଚିଠି କରି କେବଳ ଫାଇଲ ଚାଷ କରୁଥିବା ଅଭିଯୋଗ ହେଉଛି। ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ା, ନୟାଗଡ଼, ଶରଣକୁଳ, ରଣପୁର ପ୍ରଭୃତି ବିଭିନ୍ନ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହେଉଛି। ଦୀର୍ଘବର୍ଷ ପୁରୁଣା ରଥକାଠକୁ ବ୍ୟବହାର କରି ରଥ ନିର୍ମାଣ ହେଉଛି। ଏନେଇ ଆଗୁଆ ପଦକ୍ଷେପ ଗ୍ରହଣ କରି ବନ ଉନ୍ନୟନ ନିଗମଠାରୁ କାଠ କିଣାଯାଇ ପାରନ୍ତା ବୋଲି ମତ ପ୍ରକାଶ ପାଇଛି। ପ୍ରତିବର୍ଷ ରଥଯାତ୍ରା ପ୍ରସ୍ତୁତି ବୈଠକରେ ଏହାକୁ ନେଇ ଘାଣ୍ଟଚକଟ ହେଉଥିବା ବେଳେ ପରମୁହୂର୍ତ୍ତରେ ଏଥିପ୍ରତି ଆଦୌ ଧ୍ୟାନ ଦିଆଯାଉନାହିଁ।

# ବୃଦ୍ଧି ପାଉଛି ଦେଶୀମଦ କାରବାର

ନୟାଗଡ଼,୧୬।୬(ସମିସ): ନୟାଗଡ଼ ଜିଲ୍ଲାରେ ହାତଗଣତି ଦେଶୀମଦ ଦୋକାନ ରହିଥିବା ବେଳେ ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠାରେ ବେଆଇନ ଦେଶୀମଦ କାରବାର ବୃଦ୍ଧି ପାଉଛି। ନୟାଗଡ଼ ସହର ଅମରେନ୍ଦ୍ର ବଜାର ଗଳିରେ ବ୍ୟାପକ ପରିମାଣର ଦେଶୀମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଅବକାରୀ ବିଭାଗ ଏବଂ ପୁଲିସ ଏଥିପ୍ରତି ଆଦୌ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହେଉଛି। ତୁରନ୍ତ ସହର ମଧ୍ୟରେ ଚାଲିଥିବା ବେଆଇନ ଦେଶୀମଦ କାରବାରକୁ ବନ୍ଦ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

■ ସହର ମଧ୍ୟରେ ବିପର୍ଯ୍ୟସ୍ତ ରାସ୍ତା

# ତ୍ରିନାଥ ଛକ ରାଜବାଟି ରାସ୍ତା ମରଣଯନ୍ତା

ନୟାଗଡ଼,୧୬।୬(ସମିସ): ନୟାଗଡ଼ ସହର ମଧ୍ୟରେ ରହିଥିବା ପୂର୍ତ୍ତ ବିଭାଗ ରାସ୍ତାକୁ ମରାମତି କରିବାକୁ ପୂର୍ତ୍ତ ବିଭାଗ ଧ୍ୟାନ ନଦେବା ଚିନ୍ତାର ବିଷୟ ପାଲଟିଛି। ତ୍ରିନାଥ ଛକଠାରୁ ନୂଆ ରାଜବାଟି ଦୁଇ ଶହ ମିଟର ରାସ୍ତାରେ ଅନେକ ଖାଲ ଯାତ୍ରୀଙ୍କ ପାଇଁ ମରଣଯନ୍ତା ପାଲଟିଛି। କଇଥଗାଡ଼ିଆଠାରୁ ପାଟୁଳିସାହିକୁ ପ୍ରଶସ୍ତୀକରଣ ତଥା ଉନ୍ନତମାନର ରାସ୍ତା ନିର୍ମାଣ କରାଯାଇଥିବା ବେଳେ ଏହାର ମୂଳ କୁହାଯାଉଥିବା ତ୍ରିନାଥ ଛକଠାରୁ କଇଥଗାଡ଼ିଆ ପର୍ଯ୍ୟନ୍ତ ରାସ୍ତାକୁ ଅଣଦେଖା କରାଯାଇଛି। ଏହି ରାସ୍ତାର ପ୍ରଶସ୍ତୀକରଣ ଓ ଉନ୍ନତିକରଣ କରାଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ପୂର୍ତ୍ତ ବିଭାଗ ଏହାକୁ ଧ୍ୟାନ ଦେବା ଆବଶ୍ୟକ। ବର୍ଷା ପୂର୍ବରୁ ରାସ୍ତାର ଖାଲଗୁଡ଼ିକ ମରାମତି କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।



କାଗଜପତ୍ରରେ ବାର ବର୍ଷ ହେଲା ଚାଲିଛି ଡାକ୍ତରଖାନା

# ଜମି ଯୋଗାଇ ପାରୁନି ରାଜସ୍ୱ ବିଭାଗ




■ ରାଜରାସ୍ତାକୁ ଓହ୍ଲାଇବେ ବିଜିପୁର ପଞ୍ଚାୟତବାସୀ
■ ଡାକ୍ତର ଓ ଅନ୍ୟ କର୍ମଚାରୀ ହୋଇଛନ୍ତି ନିଯୁକ୍ତି

ଭାପୁର,୧୬।୬(ସମିସ): ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟଜଳ ଭଳି ଅତ୍ୟାବଶ୍ୟକ ସେବା ଯୋଗାଇଦେବା ଗୋଟିଏ ଜନମଙ୍ଗଳ ସରକାରଙ୍କ ପ୍ରାଥମିକ କର୍ତ୍ତବ୍ୟ। ମାତ୍ର ସ୍ୱାସ୍ଥ୍ୟ ସେବା ଭଳି ଅତ୍ୟାବଶ୍ୟକୀୟ ସେବା ଯୋଗାଇ ଦେବାକୁ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରାଥମିକତା ଦେଉଥିବା ବେଳେ ତୃଣମୂଳସ୍ତରରେ ଏହାକୁ କାର୍ଯ୍ୟକାରୀ କରୁଥିବା କର୍ମଚାରୀଙ୍କ ଅପାରଗତା ଯୋଗୁଁ ଏହା ସାକାର ହୋଇପାରୁନାହିଁ। ୨୪ ବର୍ଷ ପୂର୍ବେ ରାଜ୍ୟ ସରକାରଙ୍କ ପ୍ରସ୍ତାବ ଅନୁଯାୟୀ ଏକ ଡାକ୍ତରଖାନା ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇ ବ୍ଲକ ପ୍ରଶାସନକୁ ଜମି ଅଧିଗ୍ରହଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା କାର୍ଯ୍ୟକାରୀ କରିବାରେ ବିଳମ୍ବ ହେବାରୁ ୨୦୧୨ ମସିହାରୁ ଡାକ୍ତର, ଷ୍ଟାଫନର୍ସ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ମାତ୍ର ଆନୁସଙ୍ଗିକ ସୁବିଧା ନଥିବାରୁ ଡାକ୍ତର ଅନ୍ୟ ସ୍ଥାନରେ କାର୍ଯ୍ୟ କରୁଛନ୍ତି। କାଗଜପତ୍ରରେ ଚାଲିଛି ଡାକ୍ତରଖାନା ଓ ୫୦ ହଜାର ଲୋକଙ୍କ ସ୍ୱାସ୍ଥ୍ୟ ସେବା। ଲୋକଙ୍କ ଭାବାବେଗକୁ ପ୍ରଶାସନିକ ଅଧିକାରୀମାନେ ଦଳଚକଟି ଦେଇଛନ୍ତି। ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ୧୯୯୯ ମସିହାରେ ଜିଲ୍ଲାରେ ୪୯ଟି ନୂତନ ଡାକ୍ତରଖାନା ଖୋଲିଥିଲେ। ମାତ୍ର ସେଥିମଧ୍ୟରୁ ଭାପୁର ବ୍ଲକ ବିଜିପୁର ଡାକ୍ତରଖାନା ସମେତ ୮ ଡାକ୍ତରଖାନା ଖୋଲିବାରେ ବିଳମ୍ବିତ ହେଲା। ଏହାକୁ ପୁନର୍ବାର କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ୨୦୧୨ ଏପ୍ରେଲ ମାସ ୨୭ ତାରିଖରେ ନୋଟିଫିକେସନ ନମ୍ବର ୧୧୩୫୮ ସମସ୍ତ ବିଭାଗକୁ ଜଣାଇଥିଲେ। ସେବେଠାରୁ ବିଜିପୁର ଡାକ୍ତରଖାନା ପାଇଁ ଜଣେ ଡାକ୍ତର, ଜଣେ ଫାର୍ମାସିଷ୍ଟ, ଷ୍ଟାଫନର୍ସ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ସେମାନେ ବର୍ତ୍ତମାନ ଅନ୍ୟତ୍ର କାର୍ଯ୍ୟ କରୁଛନ୍ତି। ସେବେଠାରୁ ରାଜ୍ୟ ସରକାରଙ୍କ ରେକର୍ଡ କହୁଛି ବିଜିପୁର ଡାକ୍ତରଖାନା ଚାଲିଛି। ଯାହା ବାସ୍ତବରେ କାଗଜପତ୍ରରେ ଚାଲୁ ରହିଛି। ଭାପୁର ତହସିଲ ପ୍ରଶାସନ ଜମି ଯୋଗାଇ ଦେବାରେ ବିଫଳତା ଯୋଗୁଁ ବିଜିପୁର ଓ ଅନ୍ୟ ପାଖାପାଖି ପଞ୍ଚାୟତର ୫୦ ହଜାର ଜନସାଧାରଣଙ୍କ ସ୍ୱପ୍ନ ଅଧୁରା ରହିଯାଇଛି। ବିଜିପୁର ରାମଚନ୍ଦ୍ର ହାଇସ୍କୁଲ ପଛପଟେ ୪୮ ଏକର ସରକାରୀ ଜମି ଲୋକମାନେ ଜବରଦଖଲ କରି ରଖିଥିବା ବେଳେ ପ୍ରଶାସନର ଅପାରଗତା ଯୋଗୁଁ ଜମି ଡାକ୍ତରଖାନା ପାଇଁ ଚିହ୍ନଟ ହୋଇ ହସ୍ତାନ୍ତର ହୋଇପାରୁନାହିଁ। ଏକ ନିର୍ବିବାଦୀୟ ଜମି ଚିହ୍ନଟ ହୋଇ ନପାରିବାରୁ ଡାକ୍ତରଖାନା ବାସ୍ତବ ରୂପ ନପାଇ କାଗଜପତ୍ରରେ ଚାଲିଛି। ଦୁଇ ବର୍ଷ ପୂର୍ବେ ବିଦ୍ୟାଳୟ ମିଶ୍ରଣ ହେବା ଯୋଗୁଁ ରାଜ୍ୟ ରାଜପଥ ୪୮ ନମ୍ବର କଡ଼ରେ ଥିବା ପ୍ରାଥମିକ ବିଦ୍ୟାଳୟ ବନ୍ଦ ହୋଇ ଏମଇ ସ୍କୁଲରେ ମିଶ୍ରଣ ହେବାରୁ ଉକ୍ତ ବିଦ୍ୟାଳୟଟି ଏବେ ଭୂତକୋଠି ହୋଇ ପଡ଼ିରହିଛି। ଏଠାରେ ଡାକ୍ତରଖାନା କାର୍ଯ୍ୟକାରୀ ହେବା ପାଇଁ ସମସ୍ତ ଆନୁଷଙ୍ଗିକ ସୁବିଧା ରହିଥିବାରୁ ଏଠାରେ ଡାକ୍ତରଖାନା ଖୋଲିବା ପାଇଁ ପଞ୍ଚାୟତର ଜନସାଧାରଣ ଜିଲ୍ଲାପାଳଙ୍କୁ ପୂର୍ବରୁ ଲିଖିତ ଭାବେ ଜଣାଇଛନ୍ତି। ଜିଲ୍ଲାପାଳ ଏହାର ସରଜମିନ ତଦନ୍ତ କରି ତୁରନ୍ତ ଜମି ଯୋଗାଇଦେଲେ ଡାକ୍ତରଖାନା କାର୍ଯ୍ୟକାରୀ ହୋଇପାରନ୍ତା ବୋଲି ଲୋକେ ମତ ଦେଇଛନ୍ତି। ଅନ୍ୟପକ୍ଷରେ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରାନଗଲେ ବିଜିପୁରବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ସୂଚନା ମିଳିଛି।

■ ରାସ୍ତାରେ ଭାସୁଛି ୱାଟର୍ ଫାଉଣ୍ଟେନ୍‌ର ଉଚ୍ଛୁଳା ପାଣି

# ବାଇକ୍ ଚାଳକଙ୍କ ପାଇଁ ସାଂଘାତିକ ବିପଦ

ନୟାଗଡ଼,୧୬।୬(ସମିସ): ନୟାଗଡ଼ ସହର ମୁଖ୍ୟ ଛକରେ ନିର୍ମାଣ କରାଯାଇଥିବା ଗୋଲେଇ ଟ୍ରାଫିକକୁ ନେଇ ଅନେକ ସମସ୍ୟା ରହିଛି। ବଡ଼ ବଡ଼ ଟ୍ରକ୍‌ଗୁଡ଼ିକ ଗୋଲେଇ ଛକ ଦେଇ ଯାତାୟାତ କରିବା ସମୟରେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ଯେଉଁ ଅନୁସାରେ ଗୋଲେଇ ପୋଷ୍ଟ ନିର୍ମାଣ କରାଯାଇଛି; ସେହି ତୁଳନାରେ ରାସ୍ତାକୁ ସଂପ୍ରସାରଣ କରାଯାଇନାହିଁ। ନୟାଗଡ଼ ଡିଏଫ୍‌ଓଙ୍କ କାର୍ଯ୍ୟାଳୟରୁ ୪୦ ଫୁଟ ଏବଂ ନୟାଗଡ଼ କେସି କ୍ଲବଠାରେ ୩୦ ଫୁଟ ରାସ୍ତା ସମ୍ପ୍ରସାରଣ କରାଯିବାର ଆବଶ୍ୟକତା ରହିଛି। ଏହା ବାଦ ଏକ ବଡ଼ ସମସ୍ୟାକୁ ସମସ୍ତେ ଅଣଦେଖା କରାଯାଇଛି। ଗୋଲେଇ ପୋଷ୍ଟରେ ସୌନ୍ଦର୍ଯ୍ୟକରଣ ପାଇଁ "ଆମ ପାଇଁ ବଡ଼, ଆମ ନୟାଗଡ଼' ଫଳକ ନିର୍ମାଣ କରାଯାଇଛି। ଏହି ଫଳକ ସ୍ଥାନରେ ୱାଟର୍ ଫାଉଣ୍ଟେନ୍ ବ୍ୟବସ୍ଥା କରାଯାଇଛି। ତାହା ସହିତ ଅନେକ ସୌନ୍ଦର୍ଯ୍ୟମୟ ବୃକ୍ଷ କୁଣ୍ଡରେ ଲଗା ଯାଇଛି। ସନ୍ଧ୍ୟା ସମୟରେ ୱାଟର ଫାଉଣ୍ଟେନ୍ ଚାଲୁ ହେବା ପରେ ଗୋଲେଇ ପୋଷ୍ଟ ପୂର୍ବ ପାଶ୍ୱର୍କୁ ପାଣି ଉଚ୍ଛୁଳି ରାସ୍ତାରେ ଭାସୁଛି। ଏହି ସ୍ଥାନ ଗଡ଼ାଣିଆ ରହିଥିବାରୁ, ପାଣି ପୂରା ରାସ୍ତାରେ ପାସ୍ କରୁଛି। ଫଳରେ ସନ୍ଧ୍ୟା ସମୟରେ ଏହି ସ୍ଥାନରେ ବାଇକ୍ ସ୍ଲିପ୍ କରୁଛି। ଚିକ୍କଣ ପିଚୁ ଉପରେ ଜଳାଧାର ଦ୍ୱାରା ବାଇକ୍ ଚାଳକଙ୍କ ପାଇଁ ଏହା ବଡ଼ ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି। କୌଣସି କାରଣରୁ ଏକାଧିକ ବାଇକ ସ୍ଲିପ୍ ଘଟିଲେ, ପଛରୁ ଆସୁଥିବା ବଡ଼ ଗାଡ଼ିଗୁଡ଼ିକ ମଧ୍ୟ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ତୁରନ୍ତ ଏହି ଜଳାଧାରକୁ ଗୋଲେଇ ପୋଷ୍ଟ ମଧ୍ୟରେ ରହିବା ପାଇଁ ବ୍ୟବସ୍ଥା କରାଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।



# ଉମାଦେବୀ ରଜ ମହୋତ୍ସବ ତୃତୀୟ ସନ୍ଧ୍ୟା

ଖଣ୍ଡପଡ଼ା,୧୬।୬(ସମିସ): ଖଣ୍ଡପଡ଼ା ସହରାଞ୍ଚଳରେ ଥିବା ମା' ଉମାଦେବୀଙ୍କ ରଜ ମହୋତ୍ସବର ରବିବାର ତୃତୀୟ ସନ୍ଧ୍ୟାରେ ଖଣ୍ଡପଡ଼ା ସମେତ ଆଖପାଖ ଅଞ୍ଚଳର କିଶୋରୀମାନଙ୍କୁ ନେଇ ରଜ କୁଇନ୍ ପ୍ରତିଯୋଗିତା ଖୁବ ସୁନ୍ଦର ଭାବରେ ଆୟୋଜିତ ହୋଇଥିଲା। ଓଡ଼ିଶୀ ଓ ଆଧୁନିକ ସଙ୍ଗୀତର ତାଳେ ତାଳେ ପ୍ରତିଯୋଗୀମାନେ ବିଚାରକ ଓ ଦର୍ଶକଙ୍କ ହୃଦୟ ଜିଣିଥିଲେ। ଅନୁଷ୍ଠାନର ସଭାପତି ଗିରିଜା ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ଏବଂ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମହୋତ୍ସବର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ରବିବାର ତୃତୀୟ ସନ୍ଧ୍ୟାରେ ଜଗତସିଂହପୁର ଡ୍ୟାନ୍ସ ଏକାଡେମୀ ସେମାନଙ୍କ ନୃତ୍ୟ ମାଧ୍ୟମରେ ଉପସ୍ଥିତ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଖଣ୍ଡପଡ଼ାର ଅଗ୍ରଣୀ ଧାର୍ମିକ ଅନୁଷ୍ଠାନ ମା' ଉମାଦେବୀ ଉନ୍ନୟନ ପରିଷଦ ପକ୍ଷରୁ ୧୩ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପରିଷଦ ପକ୍ଷରୁ ସୂଚନା ମିଳିଛି। ରବିବାର ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ମା' ଉମାଦେବୀଙ୍କୁ ଦର୍ଶନ କରିବା ସହିତ ଏଠାରେ ସୁସଜ୍ଜିତ ରଜ ଦୋଳିରେ ଝିଅ ବୋହୂମାନେ ଦୋଳି ଖେଳି ଖୁସି ହେଉଥିବାର ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ ପରିଷଦର ସମ୍ପାଦକ ପ୍ରଦୀପ୍ତ କିଶୋର ମିଶ୍ର ଏବଂ ଯାତ୍ରା କମିଟି ସଭାପତି ବିଦ୍ୟାରଞ୍ଜନ ଡାକୁଆ, ସୁଶାନ୍ତ କୁମାର ମହାରଣାଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ। ଉକ୍ତ ଉତ୍ସବରେ ରଜ କୁଇନ୍ ପ୍ରତିଯୋଗିତାରେ ଭାଗ ନେଉଥିବା ପ୍ରତିଯୋଗୀମାନଙ୍କୁ ଚୟନ ଆଧାରରେ ସୋମବାର ଅନ୍ତିମ ସନ୍ଧ୍ୟାରେ ପୁରସ୍କୃତ କରାଯିବ ବୋଲି ସୂଚନା ରହିଛି।



୧୫ତମ ଓଡ଼ଗାଁ କ୍ରିକେଟ ଲିଗ୍

# ସେମିଫାଇନାଲରେ ୪ ଦଳ



ଓଡ଼ଗାଁ,୧୬।୬(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ମିନିଷ୍ଟାଡିୟମଠାରେ ରଘୁନାଥ ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ ୧୫ତମ ଓଡ଼ଗାଁ କ୍ରିକେଟ ଲିଗ୍(ଓସିଏଲ)ର ୬ଷ୍ଠ ଦିବସର ୧ମ ମ୍ୟାଚ୍‌ରେ ଓଡ଼ଗାଁ ପଲଟନ ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ୍ ହରାଇ ୭୬ ରନ୍ କରିଥିବା ବେଳେ ପ୍ରତିପକ୍ଷ ଲିଜେଣ୍ଡ ଏମ୍ପୋରର ୭.୫ ଓଭରରେ ୨ ଉଇକେଟ୍ ବିନିମୟରେ ୭୭ ରନ୍ କରି ବିଜୟ ହାସଲ କରିଥିଲା। ଅଂଶୁମୋହନ ସ୍ୱାଇଁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍ ସ୍ମାଇଲ ଇଲେଭେନ୍ ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ୍ ହରାଇ ୧୦୮ ରନ କରିଥିବା ବେଳେ ପ୍ରତିପକ୍ଷ ରୟାଲ କିଙ୍ଗ୍ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ୍ ହରାଇ ୮୧ ରନରେ ସୀମିତ ରହିଥିଲା। ବିଜୟୀ ସ୍ମାଇଲ ଇଲେଭେନ ସେମିଫାଇନାଲକୁ ଉନ୍ନିତ ହୋଇଥିବା ବେଳେ ନିତ୍ୟାନନ୍ଦ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ତୃତୀୟ ମ୍ୟାଚ ଏକ୍ସଟ୍ରିମ ବ୍ଲାଷ୍ଟରସ୍ ନିର୍ଦ୍ଧାରିତ ୧୦ ଓଭରରେ ୨ ଉଇକେଟ୍ ହରାଇ ୧୪୦ ରନ କରିଥିବା ବେଳେ ପ୍ରତିପକ୍ଷ ସ୍କାଏ ୱାଲକରସ୍ ୧୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୨୭ ରନ କରି ପରାଜୟ ବରଣ କରିଥିଲା। ବିଜୟୀ ଦଳ ଏକ୍ସଟ୍ରିମ ବ୍ଲାଷ୍ଟରସ୍ ସେମିଫାଇନାଲରେ ପ୍ରବେଶ କରିଥିବା ବେଳେ କାହ୍ନା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ଆଜିର ୪ର୍ଥ ମ୍ୟାଚ୍ ଡବ୍ଲ୍ୟୁଟିଆର ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ୍ ହରାଇ ୧୧୦ ରନ କରିଥିବା ବେଳେ ପ୍ରତିପକ୍ଷ ଲିଜେଣ୍ଡ ଏମ୍ପୋରର ନିର୍ଦ୍ଧାରିତ ଓଭରରେ ୬ ଉଇକେଟ୍ ହରାଇ ୧୦୭ ରନ କରି ପରାଜୟ ବରଣ କରିଥିଲେ। ବିଜୟୀ ଦଳ ଡବ୍ଲ୍ୟୁଟିଆର ସେମିଫାଇନାଲକୁ ପ୍ରବେଶ କରିଥିବା ବେଳେ ପ୍ରଦୀପ ନାୟକ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ୪ଟି ମ୍ୟାଚର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ରଘୁନାଥ ଆଥଲେଟିକ ଆସୋସିଏସନ୍ ସମ୍ପାଦକ ଦିବାକର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରଶ୍ମି, ଗୋପାଳ, ବାଦଲ, ଅମିତ୍, ଶୁଭମ୍, ଗୁଡୁ, ପ୍ରବିର ମ୍ୟାଚ୍ ପରିଚାଳନା କରିଥିଲେ।

ସାଂସଦ ସମ୍ବିତ ଓ ବିଧାୟିକା ସୁରମାଙ୍କ ଉପସ୍ଥିତିରେ ରଥଯାତ୍ରା ପ୍ରସ୍ତୁତି ବୈଠକ

# ସାମ୍ବାଦିକଙ୍କୁ ବୈଠକରୁ ତଡ଼ିଦେଲେ ଜିଲ୍ଲାପାଳ

■ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ
■ ବିଭିନ୍ନ ମହଲରୁ ଦୃଢ଼ ନିନ୍ଦା





ନୟାଗଡ଼/ରଣପୁର,୧୬।୬(ସମିସ): ନୟାଗଡ଼ ଜିଲ୍ଲା ରଣପୁରରେ ଆଜି ଗଣମାଧ୍ୟମ ପ୍ରତିନିଧିଙ୍କୁ ବୈଠକରୁ ବିଦା କରାଯିବାକୁ ନେଇ ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି ହୋଇଛି। ରଣପୁର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଇଁ ଆଜି ଏକ ପ୍ରସ୍ତୁତି ବୈଠକ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପୁରୀ ସାଂସଦ ସମ୍ବିତ ପାତ୍ର, ରଣପୁର ବିଧାୟିକା ସୁରମା ପାଢ଼ୀ, ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା, ଜିଲ୍ଲାପାଳ ସ୍ୱାଧାଦେବ ସିଂ, ବିଡିଓ ସୁଧୀର କୁମାର ନାୟକ, ତହସିଲଦାର ରବିନ୍ ଚର୍ଚ୍ଚିଲ୍ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଯୋଗଦେବା ପାଇଁ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନିମନ୍ତ୍ରଣ କରିଥିଲେ। ବୈଠକରେ ପୁଲିସ କର୍ମଚାରୀ, ବିଭିନ୍ନ ବିଭାଗର ଅଧିକାରୀ ଏବଂ ଅନେକ ସରକାରୀ କର୍ମଚାରୀଙ୍କ ସହିତ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ। ଜିଲ୍ଲାପାଳ ବୈଠକ ପ୍ରାରମ୍ଭରୁ ସମସ୍ତଙ୍କୁ ପରିଚୟ ପଚାରି ବୁଝିଥିଲେ। ଏହା ପରେ ଜିଲ୍ଲାପାଳ ସମସ୍ତ ସାମ୍ବାଦିକଙ୍କୁ ବୈଠକରୁ ବାହାରି ଯିବା ପାଇଁ କହିଥିଲେ। ଆବଶ୍ୟକତା ଅନୁସାରେ, ଆମେ ନ୍ୟୁଜ ଦେଇ ଦେବୁ କହି ସାମ୍ବାଦିକଙ୍କୁ ବାହାରି ଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଉପସ୍ଥିତ ପୁରୀ ସାଂସଦ, ରଣପୁର ବିଧାୟିକା ଏବଂ ବ୍ଲକ ଅଧ୍ୟକ୍ଷା ଏନେଇ କୌଣସି ପ୍ରତିବାଦ କରିନଥିଲେ। ସାମ୍ବାଦିକଙ୍କୁ ଏଭଳି ଅପମାନଜନକ ଭାବେ ବୈଠକରୁ ବିଦା କରାଯିବା ପରେ ରଣପୁର ସାମ୍ବାଦିକମାନେ ମଣିନାଗ ପୀଠଠାରେ ଏକ ବୈଠକ କରିଥିଲେ। ଜିଲ୍ଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ରଣପୁର ଜଗନ୍ନାଥ ରଥଯାତ୍ରାକୁ ରାଜ୍ୟରେ ପ୍ରଚାର ଓ ପ୍ରସାର କରିବା, ରଣପୁରକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ମାନ୍ୟତା ଦାବିକୁ ଉଜ୍ଜୀବିତ କରି ରଖିବାରେ ସ୍ଥାନୀୟ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ଏହା ସହିତ ଓଡ଼ିଶା ୟୁନିଅନ୍ ଅଫ୍ ଜର୍ଣ୍ଣାଲିଷ୍ଟ ସଂଘ ସଭାପତି ପ୍ରସନ୍ନ ମହାନ୍ତିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଶ୍ରୀ ମହାନ୍ତି ଏହି ଘଟଣାକୁ ଦୃଢ଼ ନିନ୍ଦା କରି ଏକ୍ସରେ ପୋଷ୍ଟ କରିଛନ୍ତି। ନୟାଗଡ଼ ସାମ୍ବାଦିକ ଭବନ ସଭାପତି ବୈଦ୍ୟଭୂଷଣ ମହାପାତ୍ର ଏବଂ କାର୍ଯ୍ୟକାରୀ ସମ୍ପାଦକ ଅନୀଲ କୁମାର ପଣ୍ଡା ଏହି ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି। ରଣପୁରରେ ଘଟିଥିବା ଘଟଣାକୁ ନେଇ ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ଗଣମାଧ୍ୟମ ପ୍ରତିନିଧିଙ୍କ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି। ନବନିର୍ବାଚିତ ସାଂସଦ ଓ ବିଧାୟିକାଙ୍କ ଉପସ୍ଥିତିରେ ଜିଲ୍ଲାପାଳଙ୍କ ଏଭଳି କାର୍ଯ୍ୟକୁ କେହି ସହଜରେ ଗ୍ରହଣ କରି ପାରିନାହାନ୍ତି।

'ଡ୍ୟାନ୍ସ ନୟାଗଡ଼ ଡ୍ୟାନ୍ସ'

# ଜୁନ୍ ୩୦ରେ ଦଶପଲ୍ଲା ଅଡିସନ୍




ଦଶପଲ୍ଲା,୧୬।୬(ସମିସ): ନୟାଗଡ଼ ଜିଲ୍ଲାରେ ପ୍ରଥମ ଥର ପାଇଁ "ସୃଜନିକା' ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପରିଷଦ, ନୟାଗଡ଼ "ଡ୍ୟାନ୍ସ ନୟାଗଡ଼ ଡ୍ୟାନ୍ସ' ନାମରେ ଗୋଟିଏ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରୁଛନ୍ତି। ଏଥିପାଇଁ ଦଶପଲ୍ଲାର ମହାବୀର ବଣିକ ମହାସଂଘଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆଜି ପୂର୍ବାହ୍ନ ୧୦ଟା ସମୟରେ "ସୃଜନିକା' ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଏହାର ସଚିବ ଡ. ନିର୍ମଳ ଚନ୍ଦ୍ର ଶୂରଦେଓ, ଟ୍ରଷ୍ଟି ଦେବେନ୍ଦ୍ର ପ୍ରସାଦ ପରମଗୁରୁ ଏବଂ ସମାଜସେବୀ ଦାମୋଦର ସାହୁ ଏହି ସମ୍ମିଳନୀରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏହା ଓଡ଼ଗାଁ ବ୍ଲକରୁ ଆରମ୍ଭ ହୋଇ ଆସନ୍ତା ଜୁନ୍ ମାସ ୩୦ ତାରିଖ ରବିବାର ଦିନ ଦଶପଲ୍ଲାର ସୀତାରାମ ୟୁଥ୍ କ୍ଲବରେ ପ୍ରତିଯୋଗିତାର ଅଡିସନ୍ କରାଯିବ। ନୟାଗଡ଼ ଜିଲ୍ଲାର ପ୍ରତ୍ୟେକ ବ୍ଲକ୍‌ରେ ଏହାର ଅଡିସନ୍ ଶେଷ ହେବା ପରେ ନୟାଗଡ଼ ସଦର ମହକୁମାରେ ଏହାର ସେମି-ଫାଇନାଲ୍ ଓ ଫାଇନାଲ୍ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ପ୍ରତିଯୋଗୀଙ୍କ ବୟସ ୮ ବର୍ଷରୁ ୧୮ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ଏବଂ ସେମାନେ ସମସ୍ତ ପ୍ରକାର ନୃତ୍ୟ ପରିବେଷଣ କରିପାରିବେ। ପ୍ରତିଯୋଗୀମାନେ ଜୁନ୍ ୩୦ ତାରିଖ ରବିବାର ସକାଳ ୯ଟା ସମୟରେ ସୀତାରାମ ୟୁଥ୍ କ୍ଲବଠାରେ ନିଜର ନାମକୁ ପଞ୍ଜିକୃତ କରାଇବେ। ପ୍ରତିଯୋଗୀମାନେ ସାଙ୍ଗରେ ଜନ୍ମ ତାରିଖ ପ୍ରମାଣପତ୍ର ଆଣିବା ଆବଶ୍ୟକ।

ସକାଳ THE SAKALA



## ୱାର୍ଡ ମେମ୍ବରଙ୍କୁ ମରଣାନ୍ତକ ଆକ୍ରମଣ

**ବାଣପୁର, ୧୬।୬(ସମିସ):** ଚିଲିକା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତୁମୁରାପୁଟ ପଞ୍ଚାୟତରେ ନିର୍ବାଚନ ପରବର୍ତ୍ତୀ ରାଜନୈତିକ ହିଂସାକାଣ୍ଡ ଘଟିଛି। ବିଜେପି କର୍ମୀଙ୍କ ମରଣାନ୍ତକ ଆକ୍ରମଣରେ ବିଜେଡି ସମର୍ଥିତ ୱାର୍ଡମେମ୍ବର ଗୁରୁତର ଆହତ ହୋଇଛନ୍ତି। ଏନେଇ ବାଣପୁର ଥାନାରେ ଅଭିଯୋଗ ହୋଇଛି।

ଅଭିଯୋଗ ମୁତାବକ, ଚିଲିକା ନିର୍ବାଚନମଣ୍ଡଳୀ ତୁମୁରାପୁଟ ପଞ୍ଚାୟତରେ ବର୍ତ୍ତମାନ ବିଜେଡି ସମର୍ଥିତ ସରପଞ୍ଚ ଥିବା ବେଳେ ଚଳିତ ସାଧାରଣ ନିର୍ବାଚନରେ ଚିଲିକାରେ ବିଜେପି ବିଧାୟକ ବିଜୟ ଲାଭ କରିଛନ୍ତି। ତେବେ ଉକ୍ତ ପଞ୍ଚାୟତରେ ଅନାସ୍ଥା ପ୍ରସ୍ତାବ ଆଣି ସରପଞ୍ଚ ପରିବର୍ତ୍ତନ କରିବା ପାଇଁ ପଞ୍ଚାୟତର କିଛି ବିଜେପି କର୍ମୀ ଯୋଜନା ଚଳାଇଥିବା ଅଭିଯୋଗ ହୋଇଛି।

ବିଜେପି ଦଳର କିଛି ଯୁବକ ବାରମ୍ବାର ଆସି ତୁମୁରାପୁଟ ଗ୍ରାମର ବିଜେଡି ସମର୍ଥିତ ୱାର୍ଡ ମେମ୍ବର ପବିତ୍ର କୁମାର ସେଠୀଙ୍କୁ ବିଜେପିରେ ସାମିଲ ହେବାକୁ ବାଧ କରିବା ସହ ଧମକଚମକ ଦେଉଥିବା ନେଇ ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ପବିତ୍ର ସେମାନଙ୍କ କଥା ନ ମାନିବାରୁ ଉକ୍ତ ଯୁବକମାନେ ଗତକାଲି ବିଳମ୍ବିତ ରାତିରେ ତାଙ୍କୁ ଘରୁ ଡାକି ଆଣି ରାସ୍ତାରେ ମରଣାନ୍ତକ ଆକ୍ରମଣ କରିଥିବା ବାଣପୁର ଥାନାରେ ପବିତ୍ର ଅଭିଯୋଗ କରିଛନ୍ତି। ଖବର ପାଇ ଘଟଣାସ୍ଥଳରେ ଗ୍ରାମର କିଛି ବ୍ୟକ୍ତି ପହଞ୍ଚି ପବିତ୍ରଙ୍କୁ ଗୁରୁତର ଅବସ୍ଥାରେ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏନେଇ ପବିତ୍ର ଥାନାରେ ଅଭିଯୋଗ କରିବାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଯୁବ ପୁଲିସ କର୍ମଚାରୀଙ୍କ ପରଲୋକ

**ଖୋର୍ଦ୍ଧା, ୧୬।୬(ସମିସ):** ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ବାସେଳି ସାହିର ଭାସ୍କର ଦଳେଇଙ୍କ ପୁଅ ଯୁବ ପୁଲିସ କର୍ମଚାରୀ ବସନ୍ତ ଦଳେଇ



(୨୬)ଙ୍କ ପରଲୋକ ଘଟିଛି। ୨୦୨୨ ଜାନୁଆରୀ ମାସରେ ବରଗଡ଼ ପୁଲିସରେ ପ୍ରଥମେ ଯୋଗ ଦେଇଥିବାବେଳେ ଗତ ମଇ ୧୪ ତାରିଖ ଦିନ ରାତି ୧୨ଟାରେ ନିର୍ବାଚନ କାର୍ଯ୍ୟ ସାରି ବରଗଡ଼ ରିଜର୍ଭକୁ ଫେରୁଥିବା ବେଳେ ରାସ୍ତା ଉପରକୁ ଏକ ବନ୍ୟଜନ୍ତୁ ଚାଲି ଆସିଥିଲା। ଫଳରେ ବଲେରୋଟି ଦୁର୍ଘଟଣା ହୋଇଥିଲା। ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ବରଗଡ଼ ବିକାଶ ମେଡିକାଲରେ ପ୍ରାଥମିକ ଚିକିତ୍ସା କରିଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଛତିଶଗଡ଼ ରାଇପୁରସ୍ଥିତ ନାରାୟଣ ହସ୍ପିଟାଲକୁ ସ୍ଥାନନ୍ତର କରାଯାଇଥିଲା। ସେଠି ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। ପରେ ତାଙ୍କୁ ପରିବାର ଓ ନିଜ ଷ୍ଟାଫଙ୍କ ସହଯୋଗରେ ଅଧିକ ଚିକିତ୍ସା ପାଇଁ କଟକସ୍ଥିତ ମେଡିକାଲକୁ ଆଣିଥିଲେ। ଗତକାଲି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଯୁବକଙ୍କୁ ଖଣ୍ଡାରେ ହାଣି ଯବାନ ଗିରଫ

**ଜଟଣୀ, ୧୬।୬(ସମିସ):** ଜଟଣୀ ଥାନା ତିରିମଲ୍ଲରେ ଯୁବକଙ୍କୁ ଖଣ୍ଡାରେ ହାଣି ଜଣେ ଯବାନଙ୍କ ସହ ଅନ୍ୟ ଦୁଇ ସହଯୋଗୀ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ମାନେ ହେଲେ ଯବାନ ବବ୍ଲୁ ବାହାନ ପ୍ରଧାନ, ଦିଲୀପ ବଡ଼ଜେନା ଏବଂ ତାପସ ପାତ୍ର। ସୂଚନା ଅନୁଯାୟୀ, ଗତକାଲି ସନ୍ଧ୍ୟାରେ ତିରିମଲ୍ଲ ଗ୍ରାମର ଦେବାଶିଷ ସାହୁ ନାମକ ଜଣେ ଯୁବକ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ତିରିମଲ୍ଲ ବ୍ରିଜ୍ ନିକଟରେ ସେହି ଗ୍ରାମର ବବ୍ଲୁ ବାହାନ ପ୍ରଧାନ ଯିଏ କି ସପ୍ତମ ବାଟାଲିୟନରେ ଜଣେ କର୍ମଚାରୀ ଅଛନ୍ତି, ସେ ନିଜର ଦୁଇ ସହଯୋଗୀଙ୍କ ସହ ମିଶି ଦେବାଶିଷଙ୍କୁ ଅଟକାଇଥିଲେ। ଜୋର ଜବରଦସ୍ତ ଟଙ୍କା ମାଗିବା ସହ ବଚସା ହେବାରୁ ଦେବାଶିଷଙ୍କୁ ତଳେ ପକାଇ ଖଣ୍ଡାରେ ହାଣିଥିଲେ। ପ୍ରାଣ ବିକଳରେ ଦେବାଶିଷ କୌଣସି ମତେ ସେଠାରୁ ଦୌଡ଼ି ପଳାଇଥିଲେ। ଏନେଇ ଜଟଣୀ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମଞ୍ଚ ନାଟକ ଉଦ୍‌ଘାଟିତ

**ବେଗୁନିଆ, ୧୬।୬(ସମିସ):** ପବିତ୍ର ରଜ ସଂକ୍ରାନ୍ତି ପର୍ବ ଉପଲକ୍ଷେ ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ ଗଂପୁର ଗ୍ରାମର କଳାକାରମାନଙ୍କ ପକ୍ଷରୁ ମୁକ୍ତ ମଞ୍ଚ ନାଟକ ଉଦ୍‌ଘାଟିତ ହୋଇଛି। ଏଥିରେ ଗ୍ରାମ୍ୟ କମିଟି ସଭାପତି ନୀଳମଣି ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, ଜିଲ୍ଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ଲତା ସେଠୀ, ଲାବଣ୍ୟ ଜୟସିଂହ, ଅସିତ କୁମାର ତ୍ରିପାଠୀ, ମାନସ ରଞ୍ଜନ ବିଶ୍ୱାଳ, ସମିତି ସଭ୍ୟ ନଳିନୀ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନାଟକ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଥାଏ ବୋଲି ମତ ପ୍ରକାଶ କରିଥିଲେ। ପରେ ଭବାନୀ ଶଙ୍କର ନାଟ୍ୟ ସଂସଦ ପକ୍ଷରୁ ସେଇ ଗୋଟିଏ ଭୂଲ ପାଇଁ ନାଟକ ପରିବେଷଣ ହୋଇଥିଲା।

ଦ୍ୱିତୀୟ ଦିନରେ ଜୟଦୁର୍ଗା ନାଟ୍ୟ ସଂସଦ ପକ୍ଷରୁ ହାରିବନି କେବେ ବାପର ପୁଅ ଓ ତୃତୀୟ ଦିନରେ ଉମା ଶଙ୍କର ନାଟ୍ୟ ସଂସଦ ପକ୍ଷରୁ 'ଆସିଛି ମୁଁ ଏକା ଯିବି ମୁଁ ଏକା' ନାଟକ ପରିବେଷଣ କରାଯିବ।

### ଧୁମ୍‌ଧାମରେ ପାଳନ ହେଲା ଶେଷ ରଜ

# ଦୋଳି ଖେଳ, ନାଚଗୀତରେ ଜମିଲା ଆସର





ବେଗୁନିଆ

**ନିରାକାରପୁର, ୧୬।୬(ସମିସ)**

ପୁରପଲ୍ଲୀରେ ରଜ ପର୍ବରେ ଝିଅ ବୋହୂମାନେ ବଡ଼ ଆନନ୍ଦ ଉଲ୍ଲାସରେ ଦୋଳି ଖେଳି, ରଜ ପାନ, ଭୋଜିଭାତ ଓ ପିଠାପଣାରେ ମସଗୁଲ ହୋଇଛନ୍ତି। ଖୋର୍ଦ୍ଧା ଜିଲ୍ଲା କଞ୍ଚିଲୋ ଗ୍ରାମରେ ମଧ ମହାସମାରୋହରେ ଗ୍ରାମରେ ସମସ୍ତ ଝିଅ ବୋହୂ ନୂତନ ବସ୍ତ୍ର ପରିଧାନ କରି ରଜ ପର୍ବକୁ ପାଳନ କରିଛନ୍ତି। ଏହି ଗ୍ରାମରେ ଅନୁଷ୍ଠିତ ରଜ ଉତ୍ସବ ଅବସରରେ ଗ୍ରାମର ଗୋଟିଏ ସ୍ଥାନରେ ଗ୍ରାମର ସମସ୍ତ ଝିଅ ବୋହୂମାନେ ଏକାଠି ହୋଇଥିଲେ। ସମସ୍ତେ ଆନନ୍ଦରେ ରଜ ଦୋଳିଠାରୁ ଆରମ୍ଭ କରି ଅନ୍ୟାନ୍ୟ ପାରମ୍ପରିକ ଖେଳ ଖେଳିଥିଲେ। ବିଭିନ୍ନ ବାଦ୍ୟ ସଙ୍ଗୀତର ତାଳେ ତାଳେ ସମସ୍ତେ ନୃତ୍ୟ କରି ସମସ୍ତଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ। ରଜ ପାନ ସହିତ ଭୋଜିଭାତ ପରିବେଶକୁ ଆହୁରି ଆକର୍ଷଣୀୟ କରିଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ମଧ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକାରେ ରେଣୁବାଳା ପଟ୍ଟନାୟକ, ନମିତା ଦାସ, ମାନସୀ ପଟ୍ଟନାୟକ, କୁନି, ଗେଲି, ବୁଢ଼ିଆ, ଲୁଲୁ, ମାମା, ବୁବୁ, ମଞ୍ଜୁ, ସଞ୍ଜୁ, ରିନା, ବିଜୁ, ନିନି, ମୁନି, ଶିଲ୍ପା, ଲିପା, ବୁବୁଲି ଓ ନନି ପ୍ରମୁଖ ସହଯୋଗ କରିଥିଲେ।

**ବେଗୁନିଆ:** ବେଗୁନିଆ ନିର୍ବାଚନମଣ୍ଡଳୀର ଧଳାପଥର ଗ୍ରାମସ୍ଥିତ ରାଧାବଲ୍ଲଭଙ୍କ ଆମ୍ରକାନନ ପରିସରରେ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଏଥିରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ଅନୁଷ୍ଠାନର ସଭାପତି ବିଜୟ କୁମାର ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଡଃ. ପ୍ରିୟବ୍ରତ ଧୀର ମୁଖ୍ୟବକ୍ତା, ପ୍ରଣୟ ଜେଠୀ, ସରପଞ୍ଚ ନାରାୟଣ ସୁବୁଦ୍ଧି, ସମିତିସଭ୍ୟ ବିଜୟ କୁମାର ସୁବୁଦ୍ଧି, ପୂର୍ବତନ



ସରପଞ୍ଚ ସୁରଜ ପ୍ରସାଦ ସୁବୁଦ୍ଧି, ସମାଜସେବୀ ରଘୁନାଥ ସାହୁ, ଅଭିନେତ୍ରୀ ହିରଣ୍ମୟୀ ଦାସ ଓ ଲିପ୍‌ସା ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପରମ୍ପରାକୁ ପୁନଃ ଜୀବନ ଦେଇଥାଏ ମହୋତ୍ସବ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ଅଞ୍ଚଳର ବିଭିନ୍ନ କଳାକାର, କାରିଗର, ମେଧାବୀ ଛାତ୍ରଛାତ୍ରୀ ଓ ବିଭିନ୍ନ କ୍ଷେତ୍ରରେ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

**ଖୋର୍ଦ୍ଧା:** ବେଗୁନିଆ ସଦର ମହକୁମାସ୍ଥିତ ନୂଆସାହି ଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ରକାନନ ପରିସରରେ ରଜ ମହୋତ୍ସବର ତୃତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ହିମାଂଶୁ ଭୂଷଣ ଦାଶଙ୍କ ଅଧ୍ୟକ୍ଷତା, ପ୍ରତାପ ଗୁରୁଜୀ ଓ ଉପଦେଷ୍ଟା ଦିବାକର ସାହୁଙ୍କ ଯୁଗ୍ମ ସଂଯୋଜନାରେ ଗ୍ରାମ୍ୟ କମିଟି ସଭାପତି ଲାଲା ଦିଲୀପ କୁମାର ରାୟ ମୁଖ୍ୟ ଅତିଥି, ଜଗନ୍ନାଥ କମିଟି ସମ୍ପାଦକ ଭାଗିରଥି ପରିଡ଼ା ମୁଖ୍ୟବକ୍ତା ଓ ଜଗନ୍ନାଥ କମିଟି ସମ୍ପାଦକ ଦୀନବନ୍ଧୁ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହୋତ୍ସବ ଭାଇଚାରା ସମ୍ପର୍କକୁ ସୁଦୃଢ଼ କରିଥାଏ ବୋଲି ମତ ପ୍ରକାଶ କରିଥିଲେ। ପୂର୍ବାହ୍ନରେ ଝୋଟି, ଅନ୍ତାକ୍ଷରି ଓ ଅନ୍ଧପୁଟୁଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପ୍ରତିମା ପ୍ରଧାନ, ପ୍ରଭାତୀ ଦାସ ଓ ରେଣୁବାଳା ଦେବୀ ବିଚାରକ ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଭକ୍ତି ଭୂଷଣ ତ୍ରିପାଠୀ ସ୍ମୃତି ସଂସଦ ପକ୍ଷରୁ କୁଇଜ୍ ପ୍ରତିଯୋଗିତା ଓ କାନ୍ଦଣା କାର୍ଯ୍ୟକ୍ରମର ଆୟୋଜନ କରିବା ସହିତ ରଶ୍ମି ଚାନ୍ଦ କର, ପ୍ରତାପ କୁମାର ସାହୁ ଓ ପ୍ରତିମା ଖାଡଙ୍ଗା ବିଚାରକ ଭାବେ ଯୋଗ ଦେଇଥିଲେ। ସଭାର ପ୍ରାରମ୍ଭରେ ସମ୍ପାଦକ ଗଙ୍ଗାଧର ମାର୍ଥା ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ସହ ସମ୍ପାଦକ ବଟକୃଷ୍ଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଓଡ଼ିଶୀ ନୃତ୍ୟ ଓ ଡ୍ୟାନ୍‌ସ ଡ୍ୟାନ୍‌ସ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଦିବ୍ୟାଙ୍ଗଙ୍କ ସହ ରଜ ପାଳିଲେ ଶିକ୍ଷକ



**ଟାଙ୍ଗୀ:** ସବୁ ଝିଅଙ୍କ ପରି ରଜରେ ସଜବାଜ ହୋଇ ବୁଲି ବୁଲି ମଜା କରିବାକୁ ଇଚ୍ଛାଥିଲେ ମଧ ସୋନି ଘରେ ଆବଦ୍ଧ ହୋଇ ମନକୁ ମାରି ରହିଥିଲେ। କାରଣ ସେ ଦିବ୍ୟାଙ୍ଗ। ମାତ୍ର ତାଙ୍କ ପାଇଁ ଟିକେ ସମୟଦେଲେ ସେ ମଉଜ ମଜଲିସରେ ସାମିଲ ହେବା ସହିତ ଖୁସି ହୋଇପାରିବେ। ଏ କଥାକୁ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଲଳିତ ନାରାୟଣ ମହାପାତ୍ର ବୁଝି ତାଙ୍କ ପାଖକୁ ଯାଇ ନୂଆ ପୋଷାକ ଦେଇ ପିନ୍ଧିବାକୁ କହିଥିଲେ। ପୋଷାକ ପିନ୍ଧିଲା ପରେ ସୋନି ଖୁସି ହୋଇଯାଇଥିଲେ। ଶିକ୍ଷକ ତାଙ୍କୁ ମିଠା ଖୁଆଇ ଦୋଳିରେ ବସାଇ ଝୁଲାଇଥିଲେ। ଶିକ୍ଷକ ତାଙ୍କ ମୁହଁକୁ ଚାହିଁଲାବେଳକୁ ଆଖି ଲୁହରେ ଛଳ ଛଳ ହୋଇଯାଇଥିଲା। ଶିକ୍ଷକ ଭାବବିହ୍ୱଳ ହୋଇଯାଇଥିଲେ। ବିଦ୍ୟାଳୟ ପରିସରରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବୀଣାପାଣି ବେହେରାଙ୍କ ଉପସ୍ଥିତିରେ ଶିକ୍ଷକ ଲଳିତନାରାୟଣ ମହାପାତ୍ର ଚାରାରୋପଣ କରିଥିଲେ। ପରେ ଘରକୁ ଯାଇ ପିତାମାତାଙ୍କୁ ସାକ୍ଷାତ କରିବାପରେ ଜାଣିବାକୁ ପାଇଥିଲେ ଯେ ଏମାନଙ୍କ ଖୁସି ପାଇଁ ସମୟ ଦେବା ଜରୁରୀ।

## 'ମନମୋହିଲା ରାଜ୍ୟସ୍ତରୀୟ ମୁକ୍ତ ମଞ୍ଚ ନାଟକ'

**କୁହୁଡ଼ି:** ଟାଙ୍ଗୀ ବ୍ଲକ କୁହୁଡ଼ି ପଞ୍ଚାୟତର ମା' ବ୍ୟାଘ୍ରଦେବୀ ସାଂସ୍କୃତିକ ପରିଷଦ ଓ କୁହୁଡି ଗ୍ରାମବାସୀଙ୍କ ଦ୍ୱାରା ତୃତୀୟ ବାର୍ଷିକ ରଜ ମହୋତ୍ସବ ମହାଆଡ଼ମ୍ବର ସହିତ ପାଳିତ ହୋଇଯାଇଛି। କୁହୁଡି ରଜପଡ଼ିଆଠାରେ ପାଞ୍ଚ ଦିନ ଧରି ଚାଲୁଥିବା ରଜ ମହୋତ୍ସବରେ ରବିବାର ଥିଲା ତୃତୀୟ ସନ୍ଧ୍ୟା। ଏହି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ବାଜପୁର ଡାନ୍ସ ଗ୍ରୁପ, ଜଟଣୀ ପକ୍ଷରୁ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଆଧୁନିକ ଡାନ୍ସ ଦର୍ଶକଙ୍କ ମନ ମୋହିଥିଲା। ତୃତୀୟ ରାତିରେ ରାଜ୍ୟସ୍ତରୀୟ ମୁକ୍ତ ମଞ୍ଚ ନାଟକର ଆଜି ଈଶାନେଶ୍ୱର ସାଂସ୍କୃତିକ ପରିଷଦ, ମାଣ୍ଡିଆ, ରାଘବପୁର, କେନ୍ଦ୍ରାପଡ଼ା ତରଫରୁ 'ଭାଇ ଭଉଣୀ ନୂଆ କାହାଣୀ' ନାଟକ ମଞ୍ଚସ୍ଥ କରାଯାଇଥିଲା। ଅନୁଷ୍ଠାନ ତରଫରୁ ପିଲା ଓ ମହିଳାମାନଙ୍କ ପାଇଁ ରଜଦୋଳି ଉତ୍ସବ ଆୟୋଜନ କରାଯାଇଥିଲା। କୁନି ପିଲାମାନଙ୍କ ଦ୍ୱାରା ମ୍ୟୁଜିକ ଚେୟାର, ଦଉଡ଼ି ଡ଼ିଆଁ, ବାସ୍କେଟ ବଲ୍, ଗ୍ଲାସ ପିରାମିଡ୍, ପୁଚି ଖେଳ ଓ ଲେମ୍ବୁ ଚାମଚ୍ ଖେଳର ଆଜି ଅନ୍ତିମ ଦିବସରେ କୃତକାର୍ଯ୍ୟଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁଲିସ ପ୍ରଶାସନ ମଧ ସଜାଗ ରହିଥିଲେ। ସ୍ୱଚ୍ଛ ଅଭିଯାନରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ସ୍ୱଚ୍ଛତା ଉପରେ ଧ୍ୟାନ ଦେଇଥିଲେ। ଅନୁଷ୍ଠାନର ସଭାପତି ତଥା ପୂର୍ବତନ ସରପଞ୍ଚ ଜୟଦେବ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।







## ସମ୍ପର୍କ ଟ୍ରଷ୍ଟ ପକ୍ଷରୁ ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗିତା

**ଖୋର୍ଦ୍ଧା, ୧୬।୬(ସମିସ):** ଆଜି ପବିତ୍ର ଗଣପର୍ବ ରଜ ଅବସରରେ କୁନି କୁନି ଶିଶୁମାନଙ୍କ ମନୋରଞ୍ଜନ ଏବଂ ଅନ୍ତର୍ନିହିତ ପ୍ରତିଭାର ବିକାଶ ନିମନ୍ତେ ଗୁରୁଜଙ୍ଗ ମେଳଣ ପଡ଼ିଆଠାରେ ଏକ ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗିତା ସାମାଜିକ ଅନୁଷ୍ଠାନ ସମ୍ପର୍କ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଶିଶୁ ଅଂଶଗ୍ରହଣ କରିଥିବାବେଳେ ପ୍ରତ୍ୟେକ ଶିଶୁମାନଙ୍କୁ ଚିତ୍ରାଙ୍କନ ନିମନ୍ତେ ଆବଶ୍ୟକ ସମସ୍ତ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏଥିସହିତ ପ୍ରବଳ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ସମସ୍ତ ପ୍ରତିଯୋଗୀ ଓ ଅଭିଭାବକମାନଙ୍କ ପାଇଁ ଖାଦ୍ୟ ଏବଂ ଥଣ୍ଡା ପାନୀୟର ବ୍ୟବସ୍ଥା ମଧ କରାଯାଇଥିଲା। ଶେଷରେ ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଉପହାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମ୍ପର୍କ ଟ୍ରଷ୍ଟର କର୍ମକର୍ତ୍ତା ସୁଚେତା ହୋତା, ପାର୍ଥସାରଥୀ ପଟ୍ଟନାୟକ, ପ୍ରଭାତ ବଳିୟାରସିଂହ, ସୁମିତ ହୋତା, ସ୍ମୃତି ବଳିୟାରସିଂହ, ଅଞ୍ଜୁମ ଉପାସନା ପ୍ରମୁଖ ଉପସ୍ଥିତ ରହି ସଫଳ କରିଥିଲେ।

## 'ଆର୍ଟ ଅଫ୍ ଗିଭିଂ' କାର୍ଯ୍ୟକ୍ରମ



**ଖୋର୍ଦ୍ଧା, ୧୬।୬(ସମିସ):** ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ା ପଞ୍ଚାୟତ ଉଇଲକିଶନ ନଗର ମା' ଅଁଳାଇ ଦେବୀ ପୀଠରେ ପୂର୍ବତନ ସାଂସଦ ଡଃ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ୨୦୧୩ ମସିହାରେ ଗଠିତ ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମର ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ରବୀନ୍ଦ୍ର କୁମାର ସେଠୀଙ୍କ ଆୟୋଜନରେ ଅତିଥି ରୂପେ ଅବସରପ୍ରାପ୍ତ ଖୋର୍ଦ୍ଧା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସତ୍ୟବାନ ଶ୍ରୀଚନ୍ଦନ ଯୋଗଦେଇ ଆର୍ଟ ଅଫ ଗିଭିଂର ମୁଖ୍ୟ ଉଦ୍ଦେଶ୍ୟ, ଲକ୍ଷ୍ୟ ଓ କାର୍ଯ୍ୟକାରିତା ଉପରେ କହିବା ସହିତ ଆର୍ଟ ଅଫ ଗିଭିଂ ପାଇଁ ଡଃ. ଅଚ୍ୟୁତ ସାମନ୍ତଙ୍କ ଅବଦାନ ଅତୁଳନୀୟ ବୋଲି ମତ ରଖିଥିଲେ। ଅନ୍ୟତମ ଅତିଥି ରୂପେ ପୂର୍ବତନ ନାୟବ ସରପଞ୍ଚ ଆକାଶ କୁମାର ବିଶ୍ୱାଳ, ସମାଜସେବୀ ସୁରେଶ ଚନ୍ଦ୍ର ସାମନ୍ତରାୟ, ସାମାଜିକ କର୍ମୀ ଗୋପାଳକୃଷ୍ଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ତାର ସମାଧାନ ଉପରେ ଆଲୋଚନା ହୋଇଥିଲା ବେଳେ ନାରାୟଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱେଚ୍ଛାସେବୀ ଦିଲ୍ଲୀପ କୁମାର ପଣ୍ଡା, ଅମିତ ଦଳେଇ, ମନୋଜ ବାରିକ, ଦେବରାଜ ସାହୁ, ସୁଶାନ୍ତ ରାଉତରାୟ, ମାୟାଧର ସାହୁ, ପ୍ରଭାକର ପଣ୍ଡା, ଦିଲ୍ଲୀପ କୁମାର ଜେନା, ଜଗନ୍ନାଥ ବେହେରା ପ୍ରମୁଖ ସହଯୋଗ କରିଥିଲେ।

### ● ମା' ଉଗ୍ରତାରାଙ୍କ ସ୍ୱାଗତ ତୋରଣ ପ୍ରତି ଟ୍ରଷ୍ଟର ଅଣଦେଖା

# ଲାଗିଗଲାଣି କଳଙ୍କି; ହେଉନି ମରାମତି

**ନିରାକାରପୁର, ୧୬।୬(ସମିସ)**

ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମା' ଉଗ୍ରତାରାଙ୍କ ସ୍ୱାଗତ ତୋରଣ ଏବେ ଦୟନୀୟ ଅବସ୍ଥାରେ ରହିଛି। ବର୍ଷକୁ ଥରେ ରଜ ଯାତ୍ରା ସମୟରେ ମନ୍ଦିର ଟ୍ରଷ୍ଟ ତରଫରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ମନ୍ଦିର ରଙ୍ଗଠାରୁ ଆରମ୍ଭ କରି ୭ ଦିନ ଯାତ୍ରା ଓ ୫ ଦିନ ଧରି ଉଗ୍ରତାରା ମହୋତ୍ସବ ଅନୁଷ୍ଠିତ ହୋଇଥାଏ। ତେବେ ଦୀର୍ଘ ବର୍ଷ ଧରି ଉଗ୍ରତାରା ଓ ଭୂଷଣ୍ଡପୂରକୁ ସ୍ୱାଗତ କରୁଥିବା ଲୁହାରେ ନିର୍ମିତ ସ୍ୱାଗତ ତୋରଣ ଏବେ ଅବହେଳିତ ଅବସ୍ଥାରେ ରହିଛି। ସେହି ଗେଟ୍‌ରେ ଏ ପର୍ଯ୍ୟନ୍ତ ସାମାନ୍ୟ ରଙ୍ଗ ଟିକେ କରିବାକୁ କାହାର ଯେମିତି ଆଗ୍ରହ ନାହିଁ। ସେ ଗେଟ୍‌ଟି ବର୍ତ୍ତମାନ ଧୀରେ ଧୀରେ କଳଙ୍କି ଲାଗିବାକୁ ବସିଲାଣି। କିନ୍ତୁ ମନ୍ଦିର ପ୍ରଶାସନଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ କାହାରି ଦୃଷ୍ଟି ନ ପଡ଼ିବା ଦୁର୍ଭାଗ୍ୟଜନକ ବିଷୟ। ଖୋର୍ଦ୍ଧା ଜିଲ୍ଲା ଭୂଷଣ୍ଡପୂର ମା' ଉଗ୍ରତାରାଙ୍କ ପୀଠ ଏକ ପ୍ରସିଦ୍ଧ ଧର୍ମ ପୀଠ ହୋଇଥିବାବେଳେ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହି ପୀଠକୁ ଓଡ଼ିଶା ଓ ରାଜ୍ୟ ବାହାରୁ ଦୈନନ୍ଦିନ ଶହ ଶହ ପର୍ଯ୍ୟଟକ ଓ ଭକ୍ତ ଆସୁଛନ୍ତି। ପୁଣି ଆଗରୁ ୧୬ନଂ ଜାତୀୟ ରାଜପଥରୁ ଉଗ୍ରତାରା ମନ୍ଦିରକୁ ଯିବାକୁ ସହଜ ଥିବାବେଳେ ଜାତୀୟ ରାଜପଥ ସମ୍ପ୍ରସାରଣ ପରେ ଏହି ଛକରେ ଏକ ଓଭରବ୍ରିଜ ନିର୍ମାଣ କରାଯାଇଛି। ଫଳରେ ଏହି ପୀଠକୁ ଯାତାୟାତ କରିବା ପାଇଁ ଏହି ସ୍ୱାଗତ ଗେଟ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ଆଗରୁ ଏଥିରେ ଅନେକ ଗୁଡ଼ିଏ ଆଲୋକ ବ୍ୟବସ୍ଥା କରାଯାଇଥିବାବେଳେ ଏବେ ଆଉ ମାତ୍ର ଗୋଟିଏ ଲାଇଟ୍ ଜଳୁଛି। ଏହି ଗେଟ୍‌ର ରକ୍ଷଣାବେକ୍ଷଣ ବିଷୟରେ ଟ୍ରଷ୍ଟ ସୁପରଭାଇଜର କୁମର ପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ ଯେ ପୂର୍ବରୁ ମନ୍ଦିର ପ୍ରଶାସନ ତରଫରୁ ଥରେ ଦୁଇ ଥର ଏହି ଗେଟ୍ ରଙ୍ଗ ହୋଇଥିଲା। ଏବେ ଆଉ କରାଯାଇନାହିଁ। ତେଣୁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ମନ୍ଦିର ପ୍ରଶାସନ ନା ପୂର୍ତ୍ତ ବିଭାଗ ନେବ ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



## ସ୍ୱାଧୀନତାସଂଗ୍ରାମୀ ଗୋକୁଳମୋହନଙ୍କ ଜୟନ୍ତୀ



**ଖୋର୍ଦ୍ଧା, ୧୬।୬(ସମିସ):** ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋକୁଳ ମୋହନ ରାୟଚୂଡ଼ାମଣୀଙ୍କ ଜୟନ୍ତୀ ଆଜି ପାଳିତ ହୋଇଯାଇଛି। ସ୍ଥାନୀୟ ବିଡିଏ କଲୋନୀ ଛକ ନିକଟରେ ଥିବା ସ୍ୱର୍ଗତ ରାୟଚୂଡ଼ାମଣୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଖୋର୍ଦ୍ଧାର ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଏହି ସମାରୋହକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ଖୋର୍ଦ୍ଧା ବିକାଶ ମଞ୍ଚର ସଭାପତି ନରେନ୍ଦ୍ର ପୃଷ୍ଟି, ଆମରି ସତ୍ୟର ସମ୍ପାଦକ ପ୍ରମୋଦ ଦାଶ, ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ.ବୃନ୍ଦାବନ ପଣ୍ଡା, ପ୍ରାଧ୍ୟାପକ ଗୋପାଳ ଦାସ, ଖୋର୍ଦ୍ଧା ଓକିଲ ସଂଘର ପୂର୍ବତନ ସଭାପତି ସର୍ବେଶ୍ୱର ସାହୁ, ଆଇନଜୀବୀ ଶକ୍ତିଶଙ୍କର ମିଶ୍ର, ମନ୍ମଥ ମିଶ୍ର, ଶିକ୍ଷାବିତ୍ ପ୍ରଫୁଲ୍ଲ ସାମନ୍ତରାୟ, ବୈକୁଣ୍ଠ ରାଜଗୁରୁ, ସମାଜସେବୀ ବିମଳ ଷଡ଼ଙ୍ଗୀ, ଶୋଭନ ଘୋଷ, ସ୍ୱର୍ଗତ ରାୟଚୂଡ଼ାମଣୀଙ୍କ ସୁକନ୍ୟା ମନ୍ଦିରା ରାୟଚୂଡ଼ାମଣୀ ପ୍ରମୁଖ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ।

